# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**16th May – 2025**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ସଂସ୍କୃତ ଭାଷା ସାହିତ୍ୟର ବିଶିଷ୍ଟ ବିଦ୍ୱାନ ଜଗଦଗୁରୁ ରାମ୍ଭଦ୍ରାଚାର୍ଯ୍ୟଙ୍କୁ ୫୮ତମ ଜ୍ଞାନପୀଠ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି
- ଅପରେସନ ସିନ୍ଦୂର ହେଉଛି ଭାରତୀୟ ସେନାର ସାହସ ଓ ନାରୀ ସମ୍ମାନର ଅଭିନବ ସମ୍ମିଶ୍ରଣ, କହିଲେ ମୁଖ୍ୟମନ୍ତ୍ରୀ
- କେନ୍ଦୁଝର ଜିଲ୍ଲା ବଡବିଲ ଡୁବୁନା ଲୁହାପଥର ଖଣି ପୁନଃ କାର୍ଯ୍ୟକ୍ଷମ ହୋଇଥିବା ସୂଚନା ଦେଲେ ମୁଖ୍ୟମନ୍ତ୍ରୀ
- ସମାଜ ସହିତ ଜଡିତ ରହିବା, ଡେଙ୍ଗୁକୁ ନିୟନ୍ତ୍ରଣ କରିବା ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଜାତୀୟ ଡେଙ୍ଗୁ ଦିବସ

ଏବଂ

- କାଳବୈଶାଖୀର ପ୍ରଭାବରେ ବଜ୍ରପାତ ଯୋଗୁଁ ବିଭିନ୍ନ ସ୍ଥାନରେ ୬ ଜଣଙ୍କର ମୃତ୍ୟୁ

## ପ୍ରେଜ୍-ଜ୍ଞାନପୀଠ ଆୱାର୍ଡ

ସଂସ୍କୃତ ଭାଷା ସାହିତ୍ୟର ବିଶିଷ୍ଟ ବିଦ୍ୱାନ ଜଗଦଗୁରୁ ରମ୍ଭା'ଦ୍ରାଚାର୍ଯ୍ୟଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ୨୦୨୩ ବର୍ଷ ଲାଗି ୫୮ତମ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରିଛନ୍ତି । ଏଥିସହିତ ବିଶିଷ୍ଟ ଉର୍ଦ୍ଦୁ କବି ତଥା ହିନ୍ଦୀ ଚଳଚ୍ଚିତ୍ରର ଗୀତିକାର ଗୁଲଜାର ମଧ୍ୟ ୨୦୨୩ ବର୍ଷ ଲାଗି ଏହି ସମ୍ମାନଜନକ ପୁରସ୍କାର ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ପୁରସ୍କୃତ ହୋଇଥିବା ଦୁଇ ସାରସ୍ୱତ ବ୍ୟକ୍ତିତ୍ୱଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ପୁରସ୍କାର ବିକଶିତ ଭାରତର ସାଂସ୍କୃତିକ ତଥା ସାହିତ୍ୟିକ ଏକତାର ପ୍ରତିଫଳନ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି ।

### ମୁଖ୍ୟମନ୍ତ୍ରୀ

'ଅପରେସନ୍ ସିନ୍ଦୂର' ହେଉଛି ଭାରତୀୟ ସେନାର ସାହସ ଓ ନାରୀ ସମ୍ମାନର ଅଭିନବ ସମ୍ମିଶ୍ରଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମିଶନଶକ୍ତି ବିଭାଗ ଆନୁକୂଲ୍ୟରେ ଆଜି ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ନିକଟସ୍ଥ ଗିରିଦୁର୍ଗା ମନ୍ଦିରରୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ 'ସିନ୍ଦୂର ଯାତ୍ରା' ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତ୍ରିରଙ୍ଗା ଯାତ୍ରାରେ ଯୋଗଦେଇ କହିଛନ୍ତି, ଆଜିର ଏହି ଯାତ୍ରା ପ୍ରତ୍ୟେକଙ୍କ ସ୍ୱାଧୀନତା, ସାହସ ଓ ଏକତାର ପ୍ରତୀକ। ରାଜ୍ୟ ସରକାର ନାରୀ ସଶକ୍ତୀକରଣକୁ ସର୍ବଦା ପ୍ରାଧାନ୍ୟ ଦେଇଆସୁଛନ୍ତି। ନାରୀ ସମାଜ ଦେଶ ଓ

ରାଜ୍ୟ ଗଠନରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

**-V/O-***(CM)*

ସେନାବାହିନୀ ସୀମାନ୍ତ ସୁରକ୍ଷାରେ ନିୟୋଜିତ ହୋଇ ଦେଶର ସୁରକ୍ଷା କରୁଥିବାବେଳେ ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ରକ୍ଷା କରିବା ପାଇଁ ନାରୀଶକ୍ତି ସମ୍ମୁଖକୁ ଆସିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଏବଂ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବାଲେଶ୍ୱରର ପ୍ରଶାନ୍ତ ଶତପଥୀଙ୍କ ପତ୍ନୀ ଓ ପୁତ୍ର ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ- ଓଏମ୍‌ସି

ବଡବିଲ୍‌ର ଡୁବୁନା ଲୁହାପଥର ଖଣି ପୁନଃ କାର୍ଯ୍ୟକ୍ଷମ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଖଣିରୁ ବାର୍ଷିକ ୩ ନିୟୁତ ଟନ୍ ଲୁହାପଥର ଉତ୍ପାଦନ ହେବ ବୋଲି ଶ୍ରୀ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନଠାରେ ଓଡ଼ିଶା ଖଣି ନିଗମ-ଓଏମ୍‌ସିର ୭୦ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶରେ ଖଣିଜ ଉତ୍ପାଦନକାରୀ କମ୍ପାନୀ ମଧ୍ୟରେ ଓଏମ୍‌ସି ଶ୍ରେଷ୍ଠ ୫ମ ସ୍ଥାନରେ ରହିଛି। ରାଜ୍ୟ ଏବଂ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଜରିଆରେ ଓଏମ୍‌ସି ପ୍ରଶଂସନୀୟ କାର୍ଯ୍ୟ କରୁଛି ଏବଂ ଏଥିସହ ପରିବେଶ ସୁରକ୍ଷା ପାଇଁ ୯୦ ଲକ୍ଷରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରିଛି। ଖଣି ପ୍ରଭାବିତ ଅଂଚଳରେ ଲୋକଙ୍କୁ

ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ସହ ଆଇରନ୍ ପିଲେଟ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର ବଡବିଲ୍ ଏବଂ କୋଇଡା ଖଣି ଅଂଚଳରେ ୯୨୦ କିଲୋୱାଟ୍‌ପି ସୋଲାର ପ୍ଲାଣ୍ଟ, ତିରିଙ୍ଗ ପାହାଡ଼ ଖଣି ଏବଂ ରେଙ୍ଗାଲ ବେଡାସ୍ଥିତ ଆରଆଇ କଲୋନୀକୁ ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରକଳ୍ପକୁ ଶୁଭାରମ୍ଭ କରିଥିଲେ।

## ତୃତୀୟ ଲିଙ୍ଗୀ ବୋର୍ଡ ଗଠନ

ରାଜ୍ୟରେ ତୃତୀୟ ଲିଙ୍ଗୀ କଲ୍ୟାଣ ବୋର୍ଡ ଗଠନ କରାଯାଇଛି। ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ଏହି ବୋର୍ଡ କାର୍ଯ୍ୟ କରିବ। ପ୍ରତି ୩ ମାସରେ ଥରେ ବୋର୍ଡର ବୈଠକ ବସିବ। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ବୋର୍ଡରେ ୧୬ ଜଣ ସଦସ୍ୟ ଅଛନ୍ତି। ରାଜ୍ୟ ସାମାଜିକ ସୁରକ୍ଷା ମନ୍ତ୍ରୀ ଏହି ବୋର୍ଡର ଅଧ୍ୟକ୍ଷ ଅଛନ୍ତି।

## ବୈଠକ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଓ ଗର୍ଭଗୃହ, ଜଗମୋହନ ଓ ନାଟମଣ୍ଡପ ମରାମତିକୁ ନେଇ ଆଜି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜୁନ୍ ମାସ ୨୮ ତାରିଖରୁ ଜୁଲାଇ ମାସ ୬ ତାରିଖ ପର୍ଯ୍ୟନ୍ତ ରଥଯାତ୍ରା ସମୟରେ ଗର୍ଭଗୃହ ଓ ରତ୍ନଭଣ୍ଡାର ମରାମତି

କାର୍ଯ୍ୟ କରାଯିବ । ସୂଚନାଯୋଗ୍ୟ, ଏପ୍ରିଲ ମାସ ୨୯ ତାରିଖରୁ ଆସନ୍ତା ମାସ ୨୭ ତାରିଖ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିଛି ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀ

ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ  ଆଜି ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ୍‌ରେ ଏକ କେନ୍ଦ୍ରୀୟ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରିଛନ୍ତି । କୁଚିଣ୍ଡା କଲେଜ୍ ସ୍ଥିତ ଅସ୍ଥାୟୀ ଭବନରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଉଦ୍‌ଘାଟନୀ ଦିବସରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ସହ ଭାବ ବିନିମୟ କରିଥିଲେ । କୁଚିଣ୍ଡା ଅଂଚଳ ପାଇଁ ୩୩ କୋଟି ୬୮ ଲକ୍ଷ ଟଙ୍କାର ୨୩ଟି ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ୭୧ କୋଟି ୨୪ ଲକ୍ଷ ଟଙ୍କାର ୪୮ଟି ପ୍ରକଳ୍ପର ଭୂମିପୂଜନ ମନ୍ତ୍ରୀ ଶ୍ରୀ ପ୍ରଧାନ କରିଛନ୍ତି ।  କାର୍ଯ୍ୟକ୍ରମରେ ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ଏବଂ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ ।

## ବିଶ୍ୱ ଡେଙ୍ଗୁ ଦିବସ

ଡେଙ୍ଗୁ ରୋଗର କାରଣ ଏବଂ ନିରାକରଣ ସଂପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ଜାତୀୟ ଡେଙ୍ଗୁ ଦିବସ ପାଳନ କରାଯାଉଛି । ଚଳିତବର୍ଷର ବାର୍ତ୍ତା ରହିଛି ‘ସମାଜ ସହ ଜଡିତ ରହିବା, ଡେଙ୍ଗୁକୁ ନିୟନ୍ତ୍ରଣ କରିବା’ । ପରିବେଶକୁ ପରିଷ୍କାର ରଖିବା ଏବଂ ନିୟମିତ ମଶାରୀ ବ୍ୟବହାର କରିବା ଦ୍ୱାରା ଏହି ମଶା ବାହିତ ଭୂତାଣୁ ଜନିତ ରୋଗକୁ ପ୍ରତିହତ କରାଯାଇ

ପାରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଡାକ୍ତର ଶ୍ରୀକାନ୍ତ ଧର ଆକାଶବାଣୀକୁ କହିଛନ୍ତି...

**-V/O-***(Dr. Niraj Kumar Mishra)*

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଡେଙ୍ଗୁରୋଗର ପରୀକ୍ଷା ଏବଂ ଚିକିତ୍ସା ସଂପୂର୍ଣ୍ଣ ମାଗଣାରେ କରାଯାଉଛି । ଏହି ଦିବସ ପାଳନ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

**ନୟାଗଡ଼** ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡେଙ୍ଗୁ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସଚେତନ କରାଇବା ସହ କୌଣସି ଜ୍ୱର ହେଲେ ଏଲିଶା ଟେଷ୍ଟ କରିବା ପାଇଁ ପରାମର୍ଶ ଦେଇଥିଲେ। **ଢେଙ୍କାନାଳ** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ରଞ୍ଜନ ସାମଲ ଉପସ୍ଥିତ ରହି ଡେଙ୍ଗୁ ଜ୍ୱର ନ ହେବା ପାଇଁ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ବୈଠକରେ ପରାମର୍ଶ ଦେଇଥିଲେ। ସମସ୍ତଙ୍କ ମିଳିତ ସହଯୋଗରେ ଡେଙ୍ଗୁର ମୁକାବିଲା କରିହେବ ବୋଲି ଡକ୍ଟର ସାମଲ କହିଥିଲେ। **ଦେବଗଡ଼** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀକକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏହି ଦିବସ ପାଳିତ ହୋଇଯାଇଛି। ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ପରିବେଶକୁ ସ୍ୱଚ୍ଛ ରଖିବା, ନିୟମିତ ମଶାରୀ ବ୍ୟବହାର ଉପରେ ଜନସ୍ୱାସ୍ଥ୍ୟ ଅଧିକାରୀ ଗୁରୁତ୍ୱାରୋପ କରିଥିଲେ। **ବୌଦ୍ଧ** ମନମୁଣ୍ଡା ଗୋଷ୍ଠୀ

ସଭାଗୃହରେ ଜାତୀୟ ଡେଙ୍ଗୁ ଦିବସ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ସିଏଚ୍‌ସି ଅଧ୍ୟକ୍ଷ ଯୋଗଦେଇ ଡେଙ୍ଗୁର ନିରାକରଣ ସମ୍ପର୍କରେ ସଚେତନ କରାଇଥିଲେ । **କେନ୍ଦୁଝର** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କିଶୋର କୁମାର ପୃଷ୍ଟି ଯୋଗଦେଇ ଡେଙ୍ଗୁ ରୋଗର ଲକ୍ଷଣ ଏବଂ ପ୍ରତିକାର ସମ୍ପର୍କରେ ଆଲୋଚନା କରିଥିଲେ ।

## ଦମନ କାର୍ଯ୍ୟକ୍ରମ

**ନବରଙ୍ଗପୁର** ଜିଲ୍ଲାର ତେନ୍ତୁଳିଖୁଣ୍ଟି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁମାଇଁଗୁଡ଼ାଠାରେ ‘ଦମନ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏଥିରେ ଯୋଗଦେଇଥିଲେ ।  କାର୍ଯ୍ୟକ୍ରମରେ ୧୬୨ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

## ଚେସ୍ ପ୍ରଶିକ୍ଷଣ

**ନୟାଗଡ଼** ଜିଲ୍ଲା ଏନ୍‌ଏସ୍‌ସି ଉଚ୍ଚ ବିଦ୍ୟାଳୟଠାରେ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି ।  ଚେସ୍ ଖେଳ ମାନସିକ ତଥା ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ବୋଲି ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶୀଷ ପଟ୍ଟନାୟକ କହିଛନ୍ତି । ଆଗାମୀ ଦିନରେ ଚେସ୍ ଖେଳର ଅଭିବୃଦ୍ଧି ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ସହଯୋଗ କରିବା ନେଇ ଶ୍ରୀ ପଟ୍ଟନାୟକ କହିଛନ୍ତି । ଶିବିରରେ ୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

## ସଚେତନତା କାର୍ଯ୍ୟକ୍ରମ

**ମାଲକାନଗିରି** ଜିଲ୍ଲା ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ତଥା ବିଚାରପତି ସୁଶ୍ରୀ ସଙ୍ଗୀତା ପାତ୍ର ଯୋଗଦେଇ ବର୍ଜ୍ୟବସ୍ତୁର ସୁପରିଚାଳନା, ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ, ପରିବେଶ ସୁରକ୍ଷା ଏବଂ ଏ ସମ୍ପର୍କିତ ଆଇନ୍ ୨୦୧୬ ସରକାର ଏବଂ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀ ଓ ମାର୍ଗଦର୍ଶିକା ସମ୍ପର୍କରେ ଆଲୋଚନା କରିଥିଲେ ।

## ପାଣିପାଗ

କାଳବୈଶାଖୀ ପ୍ରଭାବରେ ଆଜି ଗଞ୍ଜାମ, କୋରାପୁଟ ସହିତ ଅନ୍ୟ ଅଂଚଳରେ ବଜ୍ରପାତ ଯୋଗୁଁ ୬ ଜଣଙ୍କର ମୃତ୍ୟୁ ଘଟିଥିବା ସମ୍ବାଦ ଆମର ହସ୍ତଗତ ହୋଇଛି । କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍‌ରେ ବଜ୍ରାଘାତ ଯୋଗୁଁ ୩ ଜଣଙ୍କର ମୃତ୍ୟୁ ସହିତ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠା ଏବଂ କବିସୂର୍ଯ୍ୟ ନଗର ବ୍ଲକ୍‌ରେ ୨ ଜଣଙ୍କର ମୃତ୍ୟୁ ଘଟିଛି । ସୂଚନା ଅନୁସାରେ, ଚଳିତ ସପ୍ତାହରେ ପୂର୍ବରୁ ୯ ଜଣଙ୍କର ବଜ୍ରପାତରେ ମୃତ୍ୟୁ ହୋଇଥିବା ଜଣାପଡିଛି ।

ଅନ୍ୟପକ୍ଷରେ, ଆଜି ସନ୍ଧ୍ୟା ସୁଦ୍ଧା କଟକ-ଭୁବନେଶ୍ୱର ସମେତ କୋରାପୁଟ, ଗଞ୍ଜାମ ଯାଜପୁର, ବାଲେଶ୍ୱରରେ କାଳବୈଶାଖୀର ପ୍ରଭାବ ଥିବା ଯୋଗୁଁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ରହିବା ପାଇଁ କୁହାଯାଇଛି ।

ପାଣିପାଗ ବିଭାଗ ସୂଚନା ଅନୁସାରେ, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ହୀରାକୁଦ, ବୌଦ୍ଧର ତାପମାତ୍ରା ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ଥିଲା ।

ଦାରିଙ୍ଗ୍‌ବାଡିରେ ଆଜି ୪୩ ମିଲିମିଟର ବର୍ଷା ହୋଇଥିବାବେଳେ ଯାଜପୁରରେ ୨୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

**********************************